# Akashvani, Sambalpur

## SAMBALPURI NEWS EVENING BULLETIN

## 30 May 2026-7.02- 7.12 pm.

---

୧- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏବା କାଏଲ୍ ଦେଶ୍‌ବାସୀଙ୍କର୍ ସଙ୍ଗେ ବିଚାର୍ ବିନିମୟ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ନିର୍ଭୁଲ୍ ଭୋଟର୍ ତାଲିକା ତିଆର୍ ଲକ୍ଷ୍ୟ ନେଇକରି ରାଏଜେ ଆଏଜ୍‌ଠାନୁ ମୁଲ୍ ହେଇଛେ ସ୍ୱତନ୍ତ୍ର ସଘନ ସଂଶୋଧନ୍ ପ୍ରକ୍ରିୟା ।

୩- ବିଜେପି ସର୍‌କାର୍‌ର ୨ ବଛର୍ ପୂର୍ତି ଲାଗି ଆଏବା ମଙ୍ଗଲ୍‌ବାର୍‌ନୁ ବିଭାଗୀୟ ସମୀକ୍ଷା କର୍‌ବେ ମୁଖ୍ୟମନ୍ତ୍ରୀ ।

୪- ଉଚ୍ଚଶିକ୍ଷା କ୍ଷେତ୍ରକେ ଉତ୍କର୍ଷ କର୍‌ବାର୍ ଲାଗି ଭୁବ୍‌ନେଶ୍ୱର୍ ନ ଆଏବା କାଏଲ୍‌ଠାନୁ ମୁଲ୍ ହେବା କୁଳପତି ସମ୍ମିଳନୀ ।

ଆଉର୍

୫- ସମ୍ବଲ୍‌ପୁର୍‌ର ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ଅନୁଦାନ୍ ଘୋଷ୍‌ନା କଲେ ମୁଖ୍ୟମନ୍ତ୍ରୀ ।

ମନ୍ କି ବାତ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ଦିଆନିଆ କର୍‌ବେ । ଇଟା ତାଙ୍କର୍ ଶହେ ୩୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇଟାର୍ ପ୍ରସାରଣ୍ କରାଯିବା ।

ଏସ୍ଆଇଆର୍       ଆର୍ଏନ୍ୟୁ/ କଟକ୍

ରାଏଜେ ଆଏଜ୍ଠାନୁ ଭୋଟର୍ ତାଲିକାଥି ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍ଆଇଆର୍ ଲାଗି ପ୍ରକ୍ରିୟା ମୁଲ୍ ହେଇଛେ । ବୁଥ୍ସ୍ତରୀୟ ଅଧିକାରୀ ବିଏଲ୍ଓ ମାନେ ଘର୍କେ ଘର୍ ଯାଇକରି ୨ ଟା ପରିଗଣନା ଫର୍ମ ଦେଉଛନ୍ । ଇଥି ଭୋଟର୍ମାନ୍କର୍ ବ୍ୟକ୍ତିଗତ ବିବରଣୀ, ପରିବାର୍ ସଦସ୍ୟଙ୍କର୍ ସୂଚ୍ନା ଆଉ ୨୦୦୨ ମସିହାର୍ ଭୋଟର୍ ତାଲିକା ବାବଦ୍ ତଥ୍ୟ ଯାଂଚ୍ ସହେତେ ସାମାଏନ୍ ଭୁଲ୍ ସଂଶୋଧନ୍ କରାଯାଉଛେ । ଏସ୍ଆଇଆର୍ ପ୍ରକ୍ରିୟାଥି ୩୮ ହଜାର୍ ଶହେ ୨୩ ଝନ୍ ବିଏଲ୍ଓ ନିୟୋଜିତ୍ ହେଇଛନ୍ ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍ ସୂଚ୍ନା ଦେଇଛନ୍ । ଏସ୍ଆଇଆର୍ଥି ପୁରା ସ୍ୱଚ୍ଛତା ଆନ୍ବାର୍ ଲାଗି ରାଜନୈତିକ୍ ଦଲ୍ମାନ୍କର୍ ସହଭାଗିତାଥି ଫି’ ମତଦାନ୍ କେନ୍ଦ୍ର ନ ବୁଥ୍ସ୍ତରୀୟ ଏଜେଂଟ୍ ନିଯୁକ୍ତ କରାଯାଇଛେ । ଝନେ ଭିଲ୍ ଯୋଗ୍ୟ ଭାରତୀୟ ଭୋଟର୍ ତାଲିକାନୁ ବାଦ୍ ନାଇଁ ପଡ଼୍ବେ ଆର୍ ଅଯୋଗ୍ୟ ବ୍ୟକ୍ତି ଭୋଟର୍ ତାଲିକାଥି ଯେନ୍ତା ସାମିଲ୍

ନାଇଁ ହେବେ ସେଥିର୍‌ଲାଗି ବୁଥ୍‌ସ୍ତରୀୟ ଅଧିକାରୀ ବିଏଲ୍‌ଓମାନ୍‌କୁ ସଜାଗ୍ ରହେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ରାଜ୍ୟ ସର୍‌କାର୍ ୨ ବଛର୍ ପୂର୍ତି ଆର୍‌ଏନ୍‌ୟୁ/ କଟକ୍

ରାଏଜେ ବିଜେପି ସର୍‌କାର୍‌କେ ଆଏବା ୧୨ ତାରିଖ୍ ଦିନ ୨ ବଛର୍ ପୂରା ହେବର୍‌କେ ଯାଉଛେ । ଇତାର୍ ଆଘୋନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୨ ତାରିଖ୍‌ଠାନୁ ୭ ଦିନ୍‌ତକ୍ ଫିଂ' ବିଭାଗ୍‌ର ସମୀକ୍ଷା କର୍‌ବେ ବଲି ଶିକ୍ଷମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ କହିଛନ୍ । ମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ ବିଭାଗ୍‌ର କାର୍ଯ୍ୟଦକ୍ଷତା, ଯୋଜନା ପ୍ରଣୟନ୍ ଆଉ କାର୍ଯ୍ୟକାରିତାର୍ ପ୍ରଦର୍ଶନ୍ ସମୀକ୍ଷା କର୍‌ବେ । ପହେଲାଦିନ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ବିଭାଗ୍ ସମୀକ୍ଷା କରାଯିବା ବଲି ଜନାପଡ଼ିଛେ । ରାଜ୍ୟକେ ଭିନ୍ ଭିନ୍ କ୍ଷେତ୍ର ନ ପୁଞ୍ଜିନିବେଶ୍ ଆସୁଥିବାର୍ ବେଲେ ଅନେକ୍ କ୍ଷେତ୍ର ନ ସଫଲତା ମିଳିଛେ ବଲି ଶିକ୍ଷମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ହି.ସ.

ଭୁବନେଶ୍ୱର୍ ୟୁନିଟ୍ -୨ ଅଶୋକ୍ ନଗର୍ ନ ଥିବା ଆଘର୍ ସର୍କାରୀ ପ୍ରାଥମିକ୍ ବିଦ୍ୟାଳୟ ନ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ହେବା । ଜନଶୁଣାଣି ସଖାଲର୍ ୮ ବଜେ ମୁଲ୍ ହେବା । ଗଲା ଏପ୍ରିଲ୍ ୨୭ ତାରିଖ୍ ହେବାର୍କେ ଥିବା ଶୁଣାଣି ଲାଗି ଆଘୋନୁ ପଞ୍ଜିକରଣ୍ କରିଥିବା ଆବେଦନ୍କାରୀମାନେ ଇ ଦିନ ନିଜର୍ ଅଭିଯୋଗ୍ ଜନେଇପାର୍ବେ । ଇଥିର୍ଲାଗି ସେମାନ୍କୁ ଫେର୍ଘାଏ ପଞ୍ଜିକରଣ୍ କର୍ବାର୍କେ ନାଇଁ ପଡ଼େ ।

ମହାନଦୀ ଜଳ ବିବାଦ୍-ଟ୍ରିବ୍ୟୁନାଲ୍ ହି.ସ.

ମହାନଦୀ ଜଳ ବିବାଦ୍ ମାମ୍ଲାଥି ଟ୍ରିବ୍ୟୁନାଲ୍ ପାଖେ ୧୫ ଟା ପ୍ରସଙ୍ଗ ଦାଖଲ୍ କରାଯାଇଛେ । ସେ ଭିତ୍ରୁ ୧୨ ଟା ପ୍ରସଙ୍ଗ୍ଥି ଓଡ଼ିଶା ଆଉ ଛତିଶ୍ଗଡ଼୍ର ସହମତି ମିଳିଛେ ବଲି ଏଡ୍ଭୋକେଟ୍ ଜେନେରାଲ୍ ପିତାମ୍ବର୍ ଆଚାର୍ଯ୍ୟ ସୂଚ୍ନା

ଦେଇଛନ୍ । ସହମତି ବାବ୍‌ଦେ ଦୁହି ରାଜ୍ୟ ଟ୍ରିବ୍ୟୁନାଲ୍‌ଙ୍କୁ ଜନେଇଛନ୍ । ଅଲ୍‌ଗା ପ୍ରସଙ୍ଗ ନେଇକରି ଦୁହି ରାଜ୍ୟର୍ ବୈଷୟିକ ଦଲ୍ ଆଉ ଆଇନ୍ ଦଲ୍ ସମାଧାନ୍‌ର ବାଟ୍ ବାହାର୍ କର୍‌ବେ । ମହାନଦୀ ଜଲ ବିବାଦ୍ ମାମ୍‌ଲାଥି ଟ୍ରିବ୍ୟୁନାଲ୍ ପାଖେ ଆଝିର୍ ଶୁଣାଣି ଶେଷ୍ ହେଇଛେ । ମାମ୍‌ଲାର୍ ଆର ଶୁଣାଣି ଜୁନ୍ ମାସ ୬ ତାରିଖ୍ ଦିନ ହେବା ଶ୍ରୀ ଆଚାର୍ଯ୍ୟ ସୂଚ୍‌ନା ଦେଇଛନ୍ ।

ଇବୋଲା ଭାଇରସ୍        ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍‌ଙ୍କର୍ ଅଧ୍ୟକ୍ଷତାଥି ଇବୋଲା ଭାଇରସ୍ ସମ୍ଭାବ୍ୟ ସଂକ୍ରମଣ୍ ପ୍ରତିରୋଧ୍ ଆଉ ପ୍ରସ୍ତୁତି ବିଷେ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଇବୋଲା ଭାଇରସ୍‌କେ ନେଇକରି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ମାର୍ଗଦର୍ଶିକା ଜାରି ହେଇଛେ । ରାଏଜେ ସତର୍କତାମୂଲକ୍ ପଦକ୍ଷେପ୍ ଦର୍‌କାରୀ ସ୍ୱାସ୍ଥ୍ୟବସ୍ଥାର୍ ପ୍ରସ୍ତୁତି ଆଉ ଚିକିତ୍ସା ସୁବିଧା ବାବ୍‌ଦେ ବୈଠକ୍‌ଥି

ବିସ୍ତାର୍ ଭାବେ ଆଲୋଚନା କରାଯାଇଥିଲା । ଲୋକ୍‌ମାନ୍‌କର୍ ଭିତ୍‌ରେ ଇବୋଲା ଭାଇରସ୍ ବିଷେ ସଚେତନତା ବଢ଼ାବାର୍ ଭୟ ଆଉ ଗୁଜବ୍‌କେ ଦୂର୍ କର୍‌ବାର୍ ଲାଗି ସଠିକ୍ ସୂଚ୍‌ନା ପ୍ରସାର୍ ଉପ୍‌ରେ ଜୋର୍ ଦିଆଯାଇଥିଲା । ସ୍ୱାସ୍ଥ୍ୟ ସଚିବ ଅଶ୍ୱତି ଏସ୍. ଆଉ ଭିନ୍ ଭିନ୍ ଘରୋଇ ହସ୍ପଟାଲ୍ କର୍ତୃପକ୍ଷ ମାନେ ଇଥି ସାମିଲ୍ ହେଇଥିଲେ ।

କୁଳପତି ସମ୍ମିଳନୀ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ଉଚ୍ଚଶିକ୍ଷା କ୍ଷେତ୍ର ନ ଉତ୍କର୍ଷ ଆଉ ସଂସ୍ଥାଗତ ସଂସ୍କାର୍ ଆନ୍‌ବାର୍ ଲାଗି ଆଏବା କାଏଲ୍‌ଠାନୁ ଭୁବ୍‌ନେଶ୍ୱର୍ ଲୋକ୍‌ଭବନ୍ ନ କୁଳପତି ସମ୍ମିଳନୀ ମୁଲ୍ ହେବା । ସମ୍ମଳନୀଥି ରାଜ୍ୟର୍ ଭିନ୍ ଭିନ୍ ସର୍‌କାରୀ ଆଉ ବେସର୍‌କାରୀ ବିଶ୍ୱବିଦ୍ୟାଳୟର୍ କୁଳପତିମାନ୍‌କର୍ ସଙ୍ଗେ ଉଚ୍ଚଶିକ୍ଷା ବ୍ୟବସ୍ଥାକେ ଆହୁରି ବର୍‌କସ୍ ଆଉ ଆଧୁନିକ୍ କର୍‌ବାର୍ ଉପ୍‌ରେ ଆଲୋଚନା କରାଯିବା । ଜାତୀୟ

ଶିକ୍ଷାନୀତି -୨୦୨୦ ର କାର୍ଯ୍ୟାନ୍ବୟନ୍, ଗବେଷଣା, ନୂତନତ୍ୱକେ ପ୍ରୋତ୍ସାହନ୍, ଡିଜିଟାଲ୍ ଶିକ୍ଷା ପ୍ରଣାଲୀ, କୌଶଲ୍ ଭିତିକ୍ ଶିକ୍ଷା ଆଉ ଛାତ୍ରଛାତ୍ରୀଙ୍କର୍ ନିଯୁକ୍ତି ସୁଯୋଗ୍ ବଡ଼ାବାର୍ ଉପ୍‌ରେ ସମ୍ମିଳନୀଥି ବିସ୍ତୃତ୍ ଆଲୋଚନା କରାଯିବା । ଉଚ୍ଚଶିକ୍ଷାଥି ଗବେଷଣାମୂଳକ୍ ପାଠ୍‌ପଢ଼ା ଆଉ ବିଶ୍ୱବିଦ୍ୟାଳୟମାନ୍‌କର୍ ଭିତ୍‌ରେ ତାଲ୍‌ମେଲ୍ ରଖ୍‌ବାର୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଇକରି ମତବିନିମୟ କରାଯିବା । ଛାତ୍ରଛାତ୍ରୀମାନ୍‌କର୍ ସାମଗ୍ରିକ୍ ବିକାଶ୍, ଶିକ୍ଷକ୍‌ମାନ୍‌କର୍ ଦକ୍ଷତା ବଡ଼ାବାର୍ ଆଉ ଶିଳ୍ପସଂସ୍ଥାନ୍ ମାନ୍‌କର୍ ସାଙ୍ଗେ ଶିକ୍ଷାନୁଷ୍ଠାନ୍‌ମାନ୍‌କର୍ ତାଲ୍‌ମେଲ୍ ଭିତ୍‌ରେ ଇଥି ଜୋର୍ ଦିଆଯିବା । ଗଲାକାଏଲ୍ ଲୋକ୍‌ଭବନ୍ ନ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟିଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଭେଟିକରି ହେବାର୍‌କେ ଥିବା କୁଳପତି ସମ୍ମିଳନୀ ବାବ୍‌ଦେ ଆଲୋଚନା କରିଥିଲେ ।

ଶୀତଲ୍‌ଷଷ୍ଠୀ-ଅନୁଦାନ୍ ଆଇ.ଆଣ୍ଡ୍.ପି.ଆର୍

ସମ୍ବଲ୍‌ପୁର୍‌ର ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ୧ କୋଟି ୮ ଲାଖ୍ ଟଙ୍କାର୍ ଆର୍ଥିକ୍ ଅନୁଦାନ୍ ଦିଆଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଆଦେଶ୍ ଅନ୍‌ସାରେ ଇ ଅନୁଦାନ୍ ଦିଆଯାଇଛେ । ଇ ବଛର୍ ଜିଲ୍ଲାର୍ ୨୧ ଟା କମିଟିକେ ଇ ଅନୁଦାନ୍ ଦିଆଯିବା । ଶୀତଲ୍‌ଷଷ୍ଠୀ ଓଡ଼ିଶାର୍ ସମୃଦ୍ଧ ସଂସ୍କୃତି ଆଉ ପରମ୍ପରା ସଙ୍ଗେ ଜଡ଼ିତ୍ ଆଏ । ଇ ପର୍ବକେ ଜାଗ୍‌ଜମକ୍‌ଥି କର୍‌ବାର୍ ସହେତେ ଓଡ଼ିଶାର୍ ତିହାର୍ ବାହାର୍‌କେ ସାରା ପୁର୍‌ଥି ନ ପରିଚୟ ଦେବାର୍ ଲାଗି ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ବଲି ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ ।

ଛତିଶା ନିଯୋଗ ବୈଠକ୍       ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନୀଳାଦ୍ରୀ ଭକ୍ତ ନିବାସ୍ ନ ଆଏବା କାଏଲ୍ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକଙ୍କର୍ ଅଧ୍ୟକ୍ଷତାଥି ଛତିଶା ନିଯୋଗ୍ ଆଉ ନୀତି ସବ୍‌କମିଟିର୍ ଜରୁରୀ ବୈଠକ୍ ବସ୍‌ବା ।

ଉପର୍‌ବେଲା ସାଢ଼େ ୪ ବଜେ ଛତିଶା ନିଯୋଗ୍ ବୈଠକ୍ ଉତ୍‌ରୁ ବେଲ୍‌ବୁଡ଼ର୍ ସାଢ଼େ ୬ ବଜେ ନୀତି ସବ୍‌କମିଟି ବୈଠକ୍ ହେବା । ବୈଠକ୍‌ଥି ରାଜେନ୍ଦ୍ରଭିଷେକ ନୁ ନୀଳାଦ୍ରୀ ବିଜେତକ୍ ସବୁ ନୀତି ନିର୍ଘଂଟ ଉପ୍‌ରେ ଆଲୋଚନା କରାଯିବା । ଇତାର୍‌ସହେତେ ସ୍ନାନଯାତ୍ରା, ରଥଯାତ୍ରା ଆଉ ବାହୁଡ଼ା ଯାତ୍ରାର୍ ଭିନ୍ ଭିନ୍ ବ୍ୟବସ୍ଥା ଉପ୍‌ରେ ଆଲୋଚନା କରିକରି ଅନୁମୋଦନ୍ କରାଯିବା । ବୈଠକ୍‌ଥି ପୁରୀ ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକଙ୍କର୍ ସହେତେ ଭିନ୍ ଭିନ୍ ଅଧିକାରୀ, ଶ୍ରୀମନ୍ଦିର୍ ପରିଚାଳନା କମିଟି ସଦସ୍ୟ ଆଉ ଛତିଶାନିଯୋଗ୍‌ର ପ୍ରତିନିଧି ମାନେ ଉପସ୍ଥିତ୍ ରହେବେ ।

ହିନ୍ଦୀ ସାମ୍ବାଦିକତା ଦିବସ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ହିନ୍ଦୀ ଭାଷାଥି ପ୍ରକାଶିତ୍ ପହେଲା ସମ୍ବାଦପତ୍ର ‘ଉଦନ୍ତ -ମାର୍ତଣ୍ଡ’ କେ ମନେ ପକେଇକରି ଫି’ବଛର୍ ଆଝିର୍ ଦିନ୍‌କେ ଦେଶେ ହିନ୍ଦୀ ସାମ୍ବାଦିକତା ଦିବସ୍ ଭାବେ ପାଲନ୍ କରାଯାଉଛେ । ୧୮୨୬ ମସିହା ମେ ମାସ ୩୦ ତାରିଖ୍ ଦିନ ‘ଉଦନ୍ତ ମାର୍ତଣ୍ଡ’

ବାହାରିଥିଲା । ପଣ୍ଡିତ ଯୁଗଲ କିଶୋର ଶୁକ୍ଲ କଲିକତାନୁ ଗୁଟେ ସାପ୍ତାହିକ୍ ଖବର୍‌କାଗଜ୍ ଭାବେ ଇତାର୍ ପ୍ରକାଶନ୍ ଆରମ୍ଭ କରିଥିଲେ । ଇଂରେଜ୍ ଶାସନ୍ ସମିଆଥି ଇ ସମ୍ବାଦ୍‌ପତ୍ର ଲୋକମାନ୍‌କର୍ ସ୍ୱର ଉତୋଲନ୍ କର୍‌ବାର୍ ଗୁଟେ ମାଧ୍ୟମ୍ ଥିଲା ।

ପ୍ରାକୃତିକ୍ ବିପର୍ଯ୍ୟୟ କମିଟି ବୈଠକ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଆଏବା ବର୍ଷା ଋତୁଥି ସମ୍ଭାବ୍ୟ ବନ୍ୟା ଆଉ ଅଲ୍‌ଗା ପ୍ରାକୃତିକ୍ ବିପର୍ଯ୍ୟୟର୍ ସଫଲ୍ ମୁକାବିଲା ଲାଗି ଜିଲ୍ଲାସ୍ତରୀୟ ପ୍ରାକୃତିକ୍ ବିପର୍ଯ୍ୟୟ କମିଟି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ସଦ୍‌ଭାବନା ସଭାଗୃହ ନ ହେଇଥିବା ବୈଠକ୍‌ଥି ଆଏବା ବର୍ଷା ଋତୁଥି ବନ୍ୟା ଆଉ ଅଲ୍‌ଗା ବିପର୍ଯ୍ୟୟର୍ ସଫଲ୍ ମୁକାବିଲା ଲାଗି ବିଭାଗ୍ ମାନ୍‌କର୍ ଭିତ୍‌ରେ ତାଲ୍‌ମେଲ୍, ସତର୍କତା ଆଉ ତୁର୍‌ତି ପ୍ରତିକ୍ରିୟା ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଉପ୍‌ରେ ଜୋର୍ ଦିଆଯାଇଥିଲା । ବନ୍ୟା ନିୟନ୍ତ୍ରଣ୍ କକ୍ଷ ମାନ୍‌କୁ ଜୁନ୍ ୧

ତାରିଖ୍‌ନୁ ଅକ୍ଟୋବର୍ ୧୫ ତାରିଖ୍‌ତକ୍ ୨୪ ଘଂଟିଆ କାମ୍ କର୍‌ବାର୍ ଲାଗି ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ଆଇନ୍ ସଚେତନତା କାର୍ଯ୍ୟକ୍ରମ୍ ହି.ସ.

ଝାର୍‌ସୁଗୁଡ଼ା ଜିଲ୍ଲା ଦଲ୍‌କି ଗ୍ରାମ୍‌ପଂଚାୟତ୍ ଠାନେ ଗୁଟେ ଆଇନ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ଲୋକ୍ ଅଦାଲତ୍, ମଧ୍ୟସ୍ଥତା ଆଉ ସର୍ବଜନୀନ ଉପଯୋଗୀ ସେବା ଲାଗି ସ୍ଥାୟୀ ଲୋକ୍ ଅଦାଲତ୍ ଥାପ୍‌ନା, କାର୍ଯ୍ୟକାରିତା ଆଉ ଇଥି ସମାଧାନ୍ ହେଇପାରୁଥିବା ବିବାଦ୍ ମାନ୍‌କର୍ ବାବ୍‌ଦେ ବିସ୍ତାର୍ ଭାବେ ଆଲୋଚନା କରାଯାଇଥିଲା । ସେନ୍ତା ଆଇନ୍ ସେବା ପ୍ରାଧିକରଣ୍ ଅଧିନିୟମ୍ ୧୯୮୭ ଅନ୍‌ସାରେ ମିଲୁଥିବା ସୁବିଧା ଆଉ ଯୋଜ୍‌ନା ମାନ୍‌କର୍ ବିଷେ ଲୁକ୍‌କୁ ସଚେତନ୍ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର୍ ସଦସ୍ୟା, ମହିଳା, ସାଧାରଣ୍ ଲୋକ୍, ଜିଲ୍ଲା

ଆଇନ୍‌ସେବା ପ୍ରାଧିକରଣ୍‌ର ପେନେଲ୍ ଓକିଲ୍ ଆଉ ପାରାଲିଗାଲ୍ ସ୍ୱେଚ୍ଛାସେବୀମାନେ ଯୋଗ୍‌ଦେଇଥିଲେ ।

ଦେବ୍‌ଗଡ଼୍- ଜମି ପଟ୍ଟା          ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ନ ରିଆମାଲ୍ ତହସିଲ୍ ତର୍‌ଫୁ ପ୍ରିସେଟଲ୍‌ମେଂଟ୍ ବିକ୍ରି ଦଲିଲ୍ ଆଧାରିତ୍ ୨୨ଟା ମ୍ୟୁଟେସନ୍ ମାମ୍‌ଲାର୍ ଫଏସଲା କରାଯାଇକରି ୨୨ ଝନ୍ ଆବେଦନ୍‌କାରୀଙ୍କୁ ଜମି ପଟ୍ଟା ଦିଆଯାଇଛେ । ବାକି ମାମ୍‌ଲାର୍ ଜଲ୍‌ଦି ଫଏସଲା ଲାଗି ତହସିଲ୍ କାର୍ଯ୍ୟାଲୟ ତର୍‌ଫୁ ଆବଶ୍ୟକ୍ ପଦକ୍ଷେପ୍ ନିଆଯାଉଛେ ।

ନିଶାମୁକ୍ତ ଅଭିଯାନ        ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ରିଆମାଲ୍ ବ୍ଲକ୍‌ର ଗୁଁଡ଼ିଆପାଲି ଗ୍ରାମ୍‌ପଂଚାୟତ୍ ନ ଜିଲ୍ଲା ସାମାଜିକ୍ ସୁରକ୍ଷା ବିଭାଗ୍ ତର୍‌ଫୁ ନିଶାମୁକ୍ତ ଅଭିଯାନ୍

ଅନୁଷ୍ଠିତ୍ ହେଇଯାଇଛେ । ଜିଲ୍ଲା ସାମାଜିକ୍ ସୁରକ୍ଷା ଅଧିକାରୀ ଶ୍ରୀନିବାସ୍ ଜାନିଙ୍କର୍ ଅଧକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ନିଶା ଦରବ୍‌ର ଖରାପ୍ ପ୍ରଭାବ୍ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଆଉ ସୁସ୍ଥ ନିଶାମୁକ୍ତ ସମାଜ୍ ଗଠନ୍ କର୍‌ବାର୍‌କେ ପରାମର୍ଶ ଦିଆଯାଇଥିଲା । ଇଥି ଗୁଁଡ଼ିଆପାଲି ପଂଚାୟତ୍‌ର ସବୁ ଅଙ୍ଗନବାଡ଼ି କର୍ମୀ, ୱାର୍ଡ଼ମେମ୍ବର୍ ଆଉ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟମାନେ ଯୋଗ୍ ଦେଇଥିଲେ ।